ISSN : 3108-2041

# ବଣମଲ୍ଲୀର ମହକ



Vol-02 | Issue-02

February - 2026

ISSN : 3108-2041

ବଣମଲ୍ଲୀର ମହକ

# The Literature Magazine

( Where Literature Live Every Month)
VOL.02 - ISSUE.02 - FEBRUARY 2026

## About Us

Banamalliira Mahak is an open access Odia Literature Magazine. It is dedicated to the preservation and promotion of Odia literature and culture in Odisha and beyond. Published monthly, the magazine carries the best voices of Odia literature and culture, providing a vibrant platform for writers and literature lovers to express and read their creative works and ideas. This magazine publishing service of 'Banamallira Mahak' is completely free and without any charges. In no case has any money been charged by Banamallira Mahak.

## Aim & Objective

At Banamallira Mahak, our aim is to provide a unique space for contemporary and classical perspectives on Odia literature and culture, while also connecting the rich Odia literature with modern storytelling, analysis and creative expression. Through poetry, short stories, essays or any other articles, we try to explore the diverse aspects of Odia identity and creative writing.

In today's digital world, Banamallira Mahak stands as a testament to the timeless appeal of Odia literature and culture. This magazine is not just a place for literary display but a medium for cultural exchange, discussion and enrichment. It is like a bridge between established and new writers, classical and contemporary literature, an attempt to expand the boundaries of Odia literature and cultural heritage. Whether you are a lone reader or a writer, Banamallira Mahak offers a unique opportunity to stay connected with Odia literature in the modern world.

## How to Submit Article

If any writer is interested in sending an article to Banamallira Mahak, he can send his article through the **<Article Submission>** navigation menu button available on our website. It is absolutely necessary to provide the author's name, address and email address along with the article sent through email or Google form. It is mandatory to fill in the required information requested through Google form. Every writer should remember that the article sent to Banamallira Mahak should not have been published anywhere else before.

ବଣମଲ୍ଲୀର ମହକ

ISSN : 3108-2041

VOL.02 - ISSUE.02 - FEBRUARY 2026

## Editor in Chief

Mr. Laxminarayan Pattanaik

Mr. Salila Kumar Swain

## Editorial Board

Mr. Bibhuti Bhusan Hota

Mrs. Debahuti Pattanaik

Dr. Mangalika Mohapatra

Dr. Laxman Sahoo

Mr. Sidheswar Tripathy

## Advisory Council

Er. Dipti Ranjan Panda

Mr. Trilochan Das

Mr. Nishikant Kahalsingh

Mr. Ranganath Rath

Mr. Prafulla Chandra Mishra

Mr. Gopal Kishore Sen

Mr. Gopal Chandra Sao

**ISSN: 3108-2041**
**Title:** Banamallira Mahak
**Publisher:** Mr. Laxminarayan Pattanaik
**Place of Publication:** Khordha, Odisha, India
**Contact:** Banamallira Mahak, Mangalajodi, Khordha, Odisha-752023, India
**Submit articles at EMAIL:** emagazinebanamalli@gmail.com

Copyright of all published articles in this journal is held by the authors. Articles are open-access, distributed under a Creative Commons Attribution - 4.0 International. The terms [CC BY-NC-SA 4.0] which permits unrestricted use, copy and reproduction in any medium or format, you must give appropriate credit to the respective author.

ବଣମଲ୍ଲୀର ମହକ
ISSN : 3108-2041 VOL.02 - ISSUE.02 - FEBRUARY 2026

# ସମ୍ପାଦକୀୟ ବାର୍ତ୍ତା

**ପ୍ରିୟ ପାଠକ ବନ୍ଧୁ,**

ସାହିତ୍ୟ ହେଉଛି ମଣିଷ ମନ ତଳରେ ଥିବା ସୁକ୍ଷ୍ମ ଭାବନାର ଦର୍ପଣ । ଶବ୍ଦ ମାଧ୍ୟମରେ ଆମେ ଆମ ସ୍ମୃତି, ଅନୁଭୂତି, ସୁଖ, ଦୁଃଖ ଓ ସ୍ୱପ୍ନକୁ ଅନ୍ୟମାନଙ୍କ ସହ ବାଣ୍ଟିବାର ପ୍ରୟାସ କରିଥାଉ । ଏହି ମାସିକ ସଂସ୍କରଣକୁ ଆପଣଙ୍କ ନିକଟକୁ ଆଣିବା ପଛରେ ଆମର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ସୃଜନଶୀଳତାକୁ ସମ୍ମାନ ଦେବା ସହ ଓଡିଆ ସାହିତ୍ୟକୁ ସମୃଦ୍ଧ କରିବା ।

ଏହି ପତ୍ରିକାର ପୃଷ୍ଠାଗୁଡ଼ିକରେ ଆପଣଙ୍କୁ ଅନୁଭୂତ ହେବ କାବ୍ୟିକ ସ୍ପନ୍ଦନ, ଗାଳ୍ପିକର ନୀରବତା, ପ୍ରାବନ୍ଧିକର ଚିନ୍ତନ ଏବଂ ନୂତନ ଲେଖକଙ୍କ ତାଜା ଦୃଷ୍ଟିକୋଣ । ପ୍ରତ୍ୟେକ ଲେଖାଗୁଡିକରେ ଏକ ଅନୁଭବ, ଯାହା ପାଠକଙ୍କୁ ଭାବିବାକୁ, ଅନୁଭବ କରିବାକୁ ଓ କେବେ କେବେ ନିଜକୁ ଖୋଜିବାକୁ ପ୍ରେରିତ କରିବ ।

ଏହି ସାହିତ୍ୟ ପତ୍ରିକା ମାଧ୍ୟମରେ ଆମେ ସମସ୍ତ ସାହିତ୍ୟପ୍ରେମୀଙ୍କୁ ଆହ୍ୱାନ କରୁଛୁ, ସର୍ବଦା ନିଜ ଲେଖନୀକୁ ନିର୍ଭୟର ସହ ଚାଳନା କରନ୍ତୁ । ଆପଣଙ୍କ ସୃଜନ ଏହି ପତ୍ରିକାକୁ ଆହୁରି ସମୃଦ୍ଧ କରିବ । ଆଶା କରୁଛୁ, ଏହି ସଂସ୍କରଣ ଆପଣଙ୍କ ମନକୁ ସ୍ପର୍ଶ କରିବ ଏବଂ ସାହିତ୍ୟ ପ୍ରତି ଆପଣଙ୍କ ଭଲପାଇବାକୁ ଆହୁରି ତୀବ୍ର କରିବାରେ ସମର୍ଥ ହେବ ।

**– ସମ୍ପାଦକ, ବଣମଲ୍ଲୀର ମହକ**

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ସୂଚୀପତ୍ର

## (ପଦ୍ୟ ବିଭାଗ)


- ପାଞ୍ଚଟି ଏକପଦୀ — ରମେଶ ଚନ୍ଦ୍ର ମଙ୍ଗରାଜ
- ବସନ୍ତ ବର୍ଣ୍ଣାଳୀ — ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର
- ତୁମେ ଆଉ ମୁଁ — ଦୁର୍ଗା ଚରଣ ମଲ୍ଲ
- ତମପାଇଁ ପ୍ରୀତିଫୁଲ — ସୁଜିତ କୁମାର ମିଶ୍ର
- ଭଲ ପାଇବାର ହଲପ — ତାରା ପ୍ରସାଦ ଜେନା
- ସେ ହିଁ ସେ — ହାସ୍ୟମୟୀ ରାଜ
- ମକର ସଙ୍କ୍ରାନ୍ତି — ଶେଖର ବନମାଳୀ ଚନ୍ଦ୍ର ନାମଦେଓ
- ଯେଉଁ ମଣିଷ — ଦଶରଥ ମାଝୀ
- ଶୀତ ସକାଳରେ — ହୃଦାନନ୍ଦ ସୁନାନୀ
- ମହମବତୀର ଲୁହ — ମଦନ ହରିଜନ
- ପଞ୍ଜୁରୀ — ସୁରେଶ ଚନ୍ଦ୍ର ବାୟୀ
- ରାକ୍ଷୀ ଭିଜିଗଲା ଆକ୍ଷି ଲୁହରେ — ରାକେଶ କୁମାର ସାହୁ
- ରାଗିଛକି ମୋତେ — ଶିମାନ ପାଣି


## (ଗଦ୍ୟ ବିଭାଗ)


- କଲେଜ ଗେଟ — କଲ୍ୟାଣ କୌଶିକ ଦାଶ


*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ

ISSN : 3108-2041 VOL.02 - ISSUE.02 - FEBRUARY 2026

- ବଣମଲ୍ଲୀର ମହକ ମାସିକ ସଂଖ୍ୟାରେ ପ୍ରକାଶିତ ଲେଖାଗୁଡିକର ସତ୍ୱ ସମ୍ପୃକ୍ତ ଲେଖକ ଲେଖିକାଙ୍କ ଅଧିକୃତ ଅଟେ । ଯଦି କେବେ କୌଣସି ଲେଖାକୁ ନେଇ କିଛି ବିବାଦୀୟ ପରିସ୍ଥିତି କିମ୍ବା ଆଇନଗତ ସମସ୍ୟା ସୃଷ୍ଟି ହୁଏ, ସେଥିପାଇଁ ସମ୍ପୃକ୍ତ ଲେଖକ ଲେଖିକା ଦାୟୀ ରହିବେ ।

- ଯଥା ସମ୍ଭବ ବନାନଗତ ତ୍ରୁଟି ରହିତ ଲେଖା ସମ୍ପାଦନ ଦିଗରେ ଆମେ ଚେଷ୍ଟା କରିଥାଉ । ବେଳେ ବେଳେ ବୈଷୟିକ କାରଣ ବଶତଃ କିଛି କିଛି ଅନିଚ୍ଛାକୃତ ତ୍ରୁଟି ନଜରକୁ ଚାଲିଆସେ, ସେଥିପାଇଁ ପାଠକ ପାଠିକାଙ୍କ ନିକଟରେ ଆମେ କ୍ଷମାପ୍ରାର୍ଥୀ ।

- ଏହି ପତ୍ରିକା ପାଇଁ ପ୍ରତି ମାସରେ କେବଳ ଗୋଟିଏ ଲେଖା ଉପଲବ୍ଧ ଇମେଲ ଠିକଣାରେ କିମ୍ବା ଗୁଗୁଲ ଫର୍ମ ଜରିଆରେ ଆମ ନିକଟକୁ ପ୍ରେରଣ କରନ୍ତୁ । ଏହି ପତ୍ରିକା ସମ୍ବନ୍ଧୀୟ ଅଧିକ ସୂଚନା ପ୍ରାପ୍ତି ନିମନ୍ତେ ଆମ ୱେବସାଇଟ ପରିଦର୍ଶନ କରନ୍ତୁ ।

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ପାଞ୍ଚଟି ଏକପଦୀ

**ରମେଶ ଚନ୍ଦ୍ର ମଙ୍ଗରାଜ**



ଉଣିଶି ବୟସୀ ଚଗଲି ହେଲାଣି
ଉତୁରିଲା କ୍ଷୀର ଭଳି
ଉଷ୍ଣପ୍ରସବଣ ଦେହଟା ତାହାର
ଉଲ୍ଲସିତ କରେ ଭାରି ॥୧॥

ଉଇଖିଆ ମନ ହୁଅଇ ଉଛନ୍ନ
ଉଆସ ଭିତରେ ଥାଇ
ଉଦାର ହୃଦୟେ ନିଜର କରି ନେ
ଉଦାସୀ ମନକୁ ସହି ॥୨॥

ଉଆଁସରେ ଜନ୍ମ ଉଆଁସୀ କନିଆ
ଉଦାସୀ ହୁଅନା ଏତେ
ଉଆପଖିଆ ତୋ ଧୋବଲା ଦେହକୁ
ଉଇଲ କରି ଦେ ମୋତେ ॥୩॥

ଉତ୍ତଙ୍ଗ ଲହରୀ ଉଲ୍ଲସିତ କରେ
ଉପକୂଳ ଛୁଇଁ ଯାଏ
ଉତ୍ ପୀଡିତ ମନେ ଦହନ ପରାଣେ
ଉଭଟ ଚିନ୍ତନ ଥାଏ ॥୪॥

ଉଇଁବା ସୂରୁଜ ବୁଢା ହୋଇଲାଣି
ଉଭେଇବା ବେଳ ଚାହିଁ
ଉତ୍ତାପ ପରାଣ ହାଉଳି ଖାଉଛି
ଉର୍ବଶୀ ଗୋ ତୋଅ ପାଇଁ ॥୫॥

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା**
**ସମ୍ପର୍କ - ୮୧୧୪୬୦୯୨୮୦**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ତୁମେ ଆଉ ମୁଁ

**ଦୁର୍ଗା ଚରଣ ମଲ୍ଲ**



ତୁମେ ଅଶାନ୍ତ ସମୁଦ୍ରର ଗଭୀରତା
ମୁଁ ନୀଳ ଆକାଶର ଶୂନ୍ୟତା
ତୁମେ ଚଳ ଚଞ୍ଚଳ ହେଉଥିବା ଲହରୀ
ମୁଁ ପକ୍ଷୀ ଭଳି ଉଡୁଥିବା ଏକ ପ୍ରହରୀ ॥

ତୁମେ ଦୂର ଆକାଶର ଜହ୍ନ
ମୁଁ ତୁମକୁ ଚାହିଁ ରହିଥିବା ବାମନ
ତୁମେ ନାରଙ୍ଗୀ ଆକାଶର ସଫେଦ୍ ତାରା
ମୁଁ ତାରା ଗଣୁଥିବା ଏକ ଅବୋଲକରା ॥

ତୁମେ ଝର୍କା ସେପାଖେ ବର୍ଷା
ମୁଁ ଭିଜା ମାଟିର ବାସ୍ନା
ତୁମେ ଉଷୁମ୍ ରାତିର ନିଦ
ମୁଁ ପାହାନ୍ତି ପ୍ରହରର ବେଗ ॥

ତୁମେ ଶରତ ସକାଳର ଝାପସା ଖରା
ମୁଁ ପହିଲି ଶୀତୁଆ ଆକାଶେ ତାରା
ତୁମେ ନିର୍ଜନ ବେଳାର ସପନ
ମୁଁ ଗହଳି ବେଳାର ଅନ୍ୟନାମ ॥

**ସମାଗୋଳ, କୁଜଙ୍ଗ, ଜଗତସିଂହପୁର**
**ଦୂରଭାଷ - ୭୮୫୪୯୫୯୩୯୬**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ତମ ପାଇଁ ପ୍ରୀତିଫୁଲ

**ସୁଜିତ କୁମାର ମିଶ୍ର**



ତମ ଆଳାପର ଝିପିଝିପି ବର୍ଷା
ମୋତେ ଯେବେ କରେ ଓଦା
ମୁଁ ସେବେ ପାଲଟେ ମୋହନ ପ୍ରଣୟ
ତମେ ହୁଅ ମଧୁଛନ୍ଦା ।

ଭଲ ପାଇବାର ଋତୁ ଅଗଣାରେ
ତମେ କୋଇଲିର କୁହୁ,
ଭାବ ତେଣୁ ତମ ମୋ ପାଇଁକି ଜାଣ
ଗାଆଁ ସୁନାନାକୀ ବୋହୂ ।

ନାହିଁ ନାହିଁ ତମେ କହୁଥାଅ ହେଲେ
ସହଜେ ଦେଇଛ ଧରା,
କେଜାଣି କାହିଁକି ତମେ ସେଦିନଠୁ
ଅନୁରାଗୀ ଅପସରା ।

ଚିଠି ପଢ଼ି ତମ ହୁଏ ମୁଁ ଭାବୁକ
ଭିଜି ଧାରା ଶ୍ରାବଣରେ,
ଏଇ ଭାବ ପାଇଁ ଅଶାନ୍ତ ସିନ୍ଧୁ ମୁଁ
ତମେ ନଈ ବିରହରେ ।

ଦୂରେ ଥାଅ ହେଲେ ଦରଦ ତମର
ଲୁହ ଦରିଆରେ ଭରା,
ମୁଁ ସେଇ ଧାରାର ଭିଜା ସପନରେ
ବର୍ଷାରାତିଟେ ପରା ।

ଛପିଛପି ଆସି ଯେବେ ଛୁଉଁଥାଅ
ଛାତିର ସ୍ପନ୍ଦନ ମୋର,
ମୋତେ ଲାଗେ ସେବେ ମଉସୁମୀ ପାଇଁ
ଭିଜୁଛି ମୁଁ ନିରନ୍ତର ।

ଅଳସୀ ନଈକୁ କଳସୀ ଧରିକି
ଯେବେ ଯାଅ ପାଣି ପାଇଁ,
ତମ ଆକର୍ଷିତ ଗାଆଁ ଗୋରୀ ରୂପ
ମୋତେ କରେ ତୃଷ୍ଣା ଛାଇ ।

**ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର**
**ଦୂରଭାଷ - ୭୬୮୩୮୬୭୭୪୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ଭଲ ପାଇବାର ହଲପ

**ତାରାପ୍ରସାଦ ଜେନା**



ଭଲ ପାଇବାର ହଲପ କରିଲେ
ମାନନାହିଁ ତୁମେ ଏବେ
ଜାଣି ମୁଁ ନଥିଲି ଏମିତିକା କଥା
ବଦଳିବ ଆହା କେବେ
ଭଲ ପାଇବାର ହଲପ କରିଲେ ।।୦।।

ଇଛା ମୋର ସବୁ ପୁଣ୍ୟ କାରବାର
ନୁହେଁ ପାପ ଅବିଚାର
ଆଜି ତୁମ ପାଇଁ ଦିନରାତି ଯେତେ
ଅଣ୍ଟୁନାହିଁ ଅଭିସାର,
ହସ ମୂଲ୍ୟ ମୋର ଭୁଲ୍ ବୁଝାମଣା
ଲୁହ କାଳେ ସତ ହେବେ
ଭଲ ପାଇବାର ହଲପ କରିଲେ ।।୧।।

ଅନାହତ ପ୍ରାଣ ଗାଉଥିଲା ଗୁଣ
ଆଜି କଲ କାହିଁ ବନ୍ଦ
ଘୃଣା ସପନକୁ ଭୟ ବେଶି ଘାରେ
ହଜିଯାଏ ମୃଦୁ ଛନ୍ଦ,
ରାଗ ଅନୁରାଗ ଶାନ୍ତି ତୋଳି ଆଣୁ
ପୁଣି ମୋର ଏଇ ଭବେ
ଭଲ ପାଇବାର ହଲପ କରିଲେ ।।୨।।

ସୁଖ ଆଞ୍ଜୁଳାରେ ଦିଅନାହିଁ ଦୁଃଖ
ମୃତ୍ୟୁ ଭଳି ଲାଗେ ବାଧା
କାଟି ଦିଅନାହିଁ ପ୍ରୀତି ଯାଚନାକୁ
କୃଷ୍ଣ ଆଉ ସେଇ ରାଧା,
ତୁମ ସମଦୃଷ୍ଟି ଆଶାଘର କୃଷ୍ଟି
ସଖୀ ମୋର ପାଖେ ଭାବେ
ଭଲ ପାଇବାର ହଲପ କରିଲେ ।।୩।।

**ରାଜ ରଣପୁର, ନୟାଗଡ଼**
**ଦୂରଭାଷ - ୯୩୪୮୦୫୪୩୦୦**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ସେ ହିଁ ସେ

**ହାସ୍ୟମୟୀ ରାଜ୍**



ଅଚାନକ କେବେ କେବେ
ଛନକା ପଶେ ଛାତରେ
ଖଣ୍ଡ ଖଣ୍ଡ ଦୁଃଖର ବାଦଲ
ଛାଇଯାଏ ମନ ଆକାଶରେ
ଜୀବନର ନୌକା ଲାଗେ ଦୀଗହରା
ପାଏନା କୂଳ କି କିନାରା
ଭାରି ଲାଗେ ବେସାହାରା ।।
ଉପରକୁ  ହାତ ଟେକି ଚାହେଁ
ଭାବେ ସାହା ଅବା ରାହା ଦେବ କିଏ
କେବଳ ଗୋଟିଏ ମୁହଁ ଦେଖେ
ଆଖିର ଲୁହରେ...
ସମର୍ପି ଦିଏ ସବୁକିଛି ତାଙ୍କରି ହାତରେ.......

ସେ ତ ଦୁଃଖର ବନ୍ଧୁ
ଶ୍ରଦ୍ଧାର ସିନ୍ଧୁ
କଳିପାରନ୍ତି ମନର ଆକୁଳତା
ତେଜିୟାନ୍ କରିପାରନ୍ତି ଜୀବନ ଶଳିତା
ପ୍ରେମର ସୂକ୍ଷ୍ମ ସୂତାରେ ସେ ସଦା ଛନ୍ଦା
ତାଙ୍କ ବିନା କିଏ ଅଛି ଦୂରେଇବାକୁ
ବୁକୁ ତଳ ଅସୁମାରୀ ବ୍ୟଥା !
ସେ ପ୍ରେମର ପାରାବାର
ଅବିରତ କଳ କଳ ଛଳ ଛଳ
ଲିଭେଇ ପାରେ ଜୀବନର
ଯେତେ ଦାବାନଳ....
କଣ୍ଠ ଫଟେଇ ଡାକି ଦେଲେ ଥରେ
ପାଖରେ  ଠିଆ ହୁଅନ୍ତି ଆସି
ଚୁପି ଚୁପି ଅଜାଣତରେ
ଦୁଃଖ ବୁଝନ୍ତି ମନ ପଢ଼ନ୍ତି
ହୃଦୟରେ ଭରିଯାଏ ଶାନ୍ତି
ଆତ୍ମାକୁ ମିଳିଯାଏ ତୃପ୍ତି
ସେ ହିଁ ଜୀବନ ଇନ୍ଦୁ
ଅମା ଅନ୍ଧାରେ ଆଲୋକର ବିନ୍ଦୁ
ସେ ହିଁ ସେ
ଅପରାମ୍ପର ତାଙ୍କର କରୁଣା
ବୁହେଇପାରେ ଆନନ୍ଦ ଅଶ୍ରୁର ଝରଣା....

**ଓରାଳି, ହାଟଡିହି, କେନ୍ଦୁଝର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ମକର ସଂକ୍ରାନ୍ତି

**ଶେଖର ବନମାଳୀ ଚନ୍ଦ୍ର ନାମଦେଓ**



ମକର ସଂକ୍ରାନ୍ତି ଏକ ଭାବପୂର୍ଣ୍ଣ
ଭାବର ମିଳନ ଯୋଗ
ଶକ୍ତି ଓ ପ୍ରେମର ଅପୂର୍ବ ମିଳନ
ଗୁଣେ ମାନବୀୟ ଦେବ ॥୧॥

ହର ଯେ ସୃଷ୍ଟିର ସଂହାର କରତା
ଅବିନାଶୀ ନିରଞ୍ଜନ
ହରି ଯେ ପ୍ରେମର ଫଲ୍ଗୁ ନଦୀ ଧାର
ଶାଶ୍ୱତ ଓ ଚିରନ୍ତନ ॥୨॥

ଶକ୍ତି ଓ ପ୍ରେମର ଉପାସନା ଯହିଁ
ସେ ଆମରି ଏହି ଭୂଇଁ
ସକଳ ସୃଷ୍ଟିରେ ତାହାରି ତୁଳନା
ହେବ ନାହିଁ କବେ କେହି ॥୩॥

ମକର ଯେ ବନ୍ଧୁତ୍ୱର ପରିଭାଷା
ଆମରି ଭାବ ପୁରାଣେ
ସ୍ନେହ ସମ୍ପର୍କର ସୂତ୍ରେ ବାନ୍ଧି ହେଉଁ
ଆଜି ଏ ପବିତ୍ର ଲଗ୍ନେ ॥୪॥

ସନାତନ ଆମ ସଂସ୍କୃତି ଶିଖାଏ
ବନ୍ଧୁତ୍ୱର ଆଚରଣ
ସର୍ବ ଜନେ ସୁଖେ ସମ୍ପଦେ ରୁହନ୍ତୁ
ଏ ଆମ ସଂସ୍କୃତି ଗୁଣ ॥୫॥

ଗୁଣର ଭାବର ମହତ୍ୱର ପାଇଁ
ଆମ ଏ ମକର ଜାତ
ଯୁଗ ଯୁଗାନ୍ତର ରହିଥାଉ ଏହା
ଦେଖାଇ ସ୍ନେହର ପଥ ॥୬॥

**କୁଚିଣ୍ଡା, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ଯେଉଁ ମଣିଷ

**ଦଶରଥ ମାଝୀ**



ଯେଉଁ ମଣିଷ ଟଙ୍କା କମାଏ
ଅନ୍ୟକୁ ଠକି କରି
ସେହି ମଣିଷ ମଣିଷ ନୁହେଁ
ଅଟେ ପଶୁଙ୍କ ପରି ।।୧।।

ଯେଉଁ ମଣିଷ ନାହିଁ ଦେଖିକି
କରଇ ପରନିନ୍ଦା
ସେହି ମଣିଷ ମହାନ ଶତ୍ରୁ
ସଭିଙ୍କୁ ଦିଏ ବାଧା ।।୨।।

ଯେଉଁ ମଣିଷ ଫାଲତୁ ସଙ୍ଗେ
ପ୍ରେମ କରଇ ନିତି
ଭଲ ମଣିଷ ଚିହ୍ନି ପାରେନା
ଅନ୍ୟକୁ କରେ କ୍ଷତି ।।୩।।

ଯେଉଁ ମଣିଷ ଗରିବ ଧନୀ
ରଖଇ ଭେଦଭାବ
ଗୁଣ ଚରିତ୍ର ନାହିଁନା ତାକେ
ସଭିଏଁ ଜାଣିଥିବ ।।୪।।

ଶ୍ରେଷ୍ଠର ଜୀବ ମଣିଷଟିଏ
ଦେଇଛି ଭଗବାନ
ମଣିଷ କଥା ବୁଝି ନ ପାରି
ହୁଏ ପଶୁ ସମାନ ।।୫।।

**କୁରୁମାତୁଆଁ, ଭବାନୀପାଟଣା, କଳାହାଣ୍ଡି**
**ଦୂରଭାଷ - ୮୨୪୯୨୧୨୪୭୨**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ

ISSN : 3108-2041

VOL.02 - ISSUE.02 - FEBRUARY 2026

# ଶୀତ ସକାଳରେ

**ହୃଦାନନ୍ଦ ସୁନାନୀ**



ଶୀତ ସକାଳରେ ସୂରୁଜ କିରଣ
ଲାଗେ ବହୁତ ଭଲ
ସୂରୁଜ ଉଇଁଲେ ବଣ ପାହାଡ଼ରେ
ଦୃଶ୍ୟ ଟି ଝଲ ମଲ ।।୧।।

ସୁରୁଜ ଦିଅଇ କୋମଳ ଯେ ତାପ
ଚଢ଼େଇ ହୁଏ ଖୁସି
ଆକାଶେ ଉଡଇ କୁଆଡେ ବୁଲଇ
ସନ୍ଧ୍ୟାରେ ଯାଏ ଆସି ।।୨।।

ଶୀତେ ଦେହ ଥରେ ଶୀତ ରତୁଟିରେ
ମଣିଷ ଲୋକଙ୍କର
ପାଦ ଫାଟିଯାଏ ରକ୍ତ ବି ବାହାରେ
ଶୀତ ହୁଏ କଠୋର ।।୩।।

ଘାସରେ ପଡି ଯେ ଶିଶିର ସୁନ୍ଦର
ଦିଶଇ ମନୋହର
ଶୀତର ସକାଳ ଲାଗୁଥାଇ ଭଲ
ଥିଲେ ତାପ ସୂର୍ଯ୍ୟର ।।୪।।

**କଳାହାଣ୍ଡି, ଓଡିଶା**
**ଦୂରଭାଷ - ୯୧୭୮୫୪୪୮୫୯**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# ମହମବତୀର ଲୁହ

**ମଦନ ହରିଜନ**



ନୀରବ ଘରେ
ଘନ ଅନ୍ଧକାରେ
ଦୁଃଖପୂର୍ଣ୍ଣ ଏକ ରାତି,
ନିଜ ଦେହକୁ ଜଳାଇ
ଆଲୋକ ଦେଉଛି
ଏକ ବଳିଦାନୀ ମହମବତୀ ।

ଜଳି ଜଳି ସିଏ
କ୍ଷୀଣ ହେଉଛି
ଝରେ ଗରମ ଲୁହଧାରା,
ପାଉଛି କେତେ
ଯନ୍ତ୍ରଣା ସେ
ଚିତ୍କାର କରେ ରାତି ସାରା ।

ସେ ଲୁହରେ
ଲୁଚିକି ରହିଛି
ଅନେକ ଅକୁହା କଥା,
ତ୍ୟାଗ, ସହନଶୀଳତା ଓ
ଭଙ୍ଗା ସ୍ୱପ୍ନର ବ୍ୟଥା ।

ପବନ ଆସି
ଦୋହଲାଇ ଦିଏ
ମହମବତୀ କରେ କମ୍ପନ,
ତଥାପି ସେ
ଅଭିଯୋଗ କରେ ନାହିଁ
କିମ୍ବା, ଉଣା କରେ ନାହିଁ ମନ ।

ଶେଷରେ ଯେବେ
ଶିଖା ଲିଭିଯାଏ
ରହିଯାଏ କିଛି ଲୁହ,
ମହମବତୀଟି ଲିଭିଗଲା ସିନା
କାହାକୁ କହି ନାହିଁ ତାର ନିଜ କୋହ ।

**ସୁନାବେଡ଼ା, କୋରାପୁଟ**
**ଦୂରଭାଷ - ୮୧୪୪୨୭୯୯୫୫**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ

ISSN : 3108-2041 VOL.02 - ISSUE.02 - FEBRUARY 2026

# ପଞ୍ଜୁରୀ

**ସୁରେଶ ଚନ୍ଦ୍ର ବାୟୀ**



ଏପରି ପଞ୍ଜୁରୀ ପ୍ରଭୁ ଗଢିଛନ୍ତି
ନାହିଁ ତା'ର କିଛି ବାଡ଼,
ଅଦୃଶ୍ୟ ବନ୍ଧନେ ବାନ୍ଧି ରଖିଛନ୍ତି
ମୋହ ମାୟା ଆଉ ଝଡ଼ ॥

ଆବଦ୍ଧ ଆମର ଜୀବନ ନାଟକ
କେତେଦିନ ପାଇଁ ଆସି,
ସମ୍ପର୍କରେ ଗଢ଼ା ଏ ମିଥ୍ୟା ପଞ୍ଜୁରୀ
ଯନ୍ତ୍ରଣାରେ ଦିଏ ପେଷି ॥

ଶାରୀଟିଏ ସିନା ପଞ୍ଜୁରୀ ଭିତରୁ
ମୁକ୍ତ ଆକାଶକୁ ଚାହେଁ,
ଏ ବୋକା ମଣିଷ ସୁଖ ପାଇବାକୁ
ଏହାକୁ ସଜାଡୁ ଥାଏ ॥

ସମ୍ମୋହନମୟ ମାୟାପଞ୍ଜୁରୀଟି
ଆମକୁ କରେ ଆକୃଷ୍ଟ,
ଛାଡିଯିବା ପାଇଁ ମନ ଡାକେ ନାହିଁ
ଯେତେ ପାଉ ପଛେ କଷ୍ଟ ॥

ଆସର ବସାଏ ସ୍ୱପ୍ନ ଦେଖୁଥାଏ
ରହିବାକୁ ଚିରଦିନ,
ଧୀରେ ଧୀରେ ଭାଙ୍ଗେ ଏହି ପଞ୍ଜୁରୀଟି
ସୃଷ୍ଟିରେ ଏ'ତ ଜୀବନ ॥

ଯେଉଁ ପୃଥିବୀଟି ଏତିକି ନିଜର
କରିଥାଉ ସୁନା ମାଳା,
ଦିନେ ଛାଡ଼ିଯିବୁ ଭାବିଥା ମନରେ
ସେ ଅଟଇ ପାନ୍ଥଶାଳା ॥

**ନୀଳକଣ୍ଠପୁର, କେନ୍ଦ୍ରାପଡ଼ା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ

ISSN : 3108-2041

VOL.02 - ISSUE.02 - FEBRUARY 2026

# ରାକ୍ଷୀ ଭିଜିଗଲା ଆଖି - ଲୁହରେ..



**ରାକେଶ କୁମାର ସାହୁ**

କେତେ ଆଶା ନେଇ ମୋର ବାପା ଭାଇ
କଲେ ମୋର ବିଭାଘର,
ସାତ ସିନ୍ଧୁ ତେର ଦରିଆ ପାରିରୁ
ଖୋଜିକି ରାଜକୁମାର ॥୧॥

ଶୁଭ ବେଳା ଶୁଭ ଲଗନ ଗଣନେ
ବିଭାଘର ସମାପନ,
ସବାରୀ ଚଢନ୍ତେ ମୋ ଗେହ୍ଲା ଭାଇର
ନୟନେ ଲୋତକ ପୂର୍ଣ୍ଣ ॥୨॥

ଦିନ ଗୋଟି ନାହିଁ ମୋର ସୁନା ଭାଇ
ଖାଇଛି ଖାଦ୍ୟ ମୋ ବିନା,
ମୋ ହାତେ ଖୁଆଇ ଦେଲେ ତାକୁ ଧୋଇ
ପେଟ ପୂରେ ତା'ର ସିନା ॥୩॥

ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କ
ଦୃଷ୍ଟାନ୍ତ ଯେ ଥିଲୁ ଦୁହିଁ,
କେ କାହାକୁ ଦିନେ ନ ଦେଖି ନୟନେ
ପାରି ତ' ନଥିଲୁ ରହି ॥୪॥

ମୋର ଶାଶୁ ଘର ସେତ ଯମପୁର
କାନ୍ଦି କାନ୍ଦି ସରେ ଦିନ,
ବୋହୂ ମୁଁ ହୋଇଲି ସ୍ନେହ ନ ପାଇଲି
ମିଳେ ମୋତେ ଅପମାନ ॥୫॥

ଲୋଭିନୀ ଡଙ୍କୁଣୀ ହୀନା ଚଣ୍ଡାଳୁଣୀ
ଅଟେ କାଳେ ମୋର ମାଆ,
ବଡ ଘର ଦେଖି ମନ୍ତ୍ର ତନ୍ତ୍ର ପେଷି
କରି ଦେଲା ମୋର ବାହା ॥୬॥

ମୋ ବାପା ନିରୀହ ଦରଦୀ ହୃଦୟ
ମାଆ 'ସ୍ନେହ ବାରିଧାରା',
ଦେବୀ ଦେବତାଙ୍କୁ ମିଳେ ଅପମାନ
ଶାଶୁ ଘରେ ମୋର ପରା ॥୭॥

ନାନା ଦୁଃଖ ସହି ଦିନ ଯାଏ ବିତି
ଆଣେ ନାହିଁ ମନେ ଗ୍ଲାନି,
ବାପା, ମା, ଭାଇଙ୍କୁ ଜଣାଏ ନାହିଁ ମୁଁ
ମୋ ଶାଶୁଘର ଚଳଣୀ ॥୮॥

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041 VOL.02 - ISSUE.02 - FEBRUARY 2026

ଗଲା କିଛି ଦିନ ହେଲା ଅବତୀର୍ଣ୍ଣ
ଶ୍ରାବଣ ମାସ ପୂର୍ଣ୍ଣୀମା,
ମୋ ବୋଉର ପାଦ ଭୂମିରେ ଚାଲୁନି
ତା ଖୁସିର ନାହିଁ ସୀମା ॥୯॥

ମୋ ଭାଇ ହାତରେ ଭାର ଥୋର ଦେଇ
ପଠାଇଛି ମୋର ଘର,
ଭାଇ ମୋ ଆଣିଛି ସ୍ନେହ ସୂତ୍ର ରାକ୍ଷୀ
ବାନ୍ଧିବି ଯେଣୁ ହାତର ॥୧୦॥

ପହଞ୍ଚି ସହସା ଦେଖି ମୋ ଦୁର୍ଦ୍ଦଶା
ଭାଇ ହୁଏ ମ୍ରିୟମାଣ,
ଶାଶୁ ଘରେ ମୁହିଁ ଚାକରାଣୀ ହୋଇ
ଦୁଃଖରେ ବିତାଏ ଦିନ ॥୧୧॥

ଭାତ ବଦଳରେ ନିନ୍ଦା, ଅପବାଦ
ଖାଏ ପୁଣି ମାଡ ଗାଳି,
ବେନି ନେତ୍ର ଅଶ୍ରୁ ଅଧର ପିଅଇ
ଭାଗ୍ୟ ମୋ ଯାଇଛି ଜଳି ॥୧୨॥

ମୋ ଦେହେ ଫୁଟିଲେ ଅବା କଣ୍ଟାଟିଏ
ଭାଇକୁ ମୋ ହୁଏ କଷ୍ଟ,
ସ୍ୱ-ନେତ୍ରେ ଦେଖିଲା (ମୋ) କାରୁଣ୍ୟ କାହାଣୀ
ହୃଦ ତା'ର ବିଖଣ୍ଡିତ। ॥୧୩॥

ଲୋତକ ନୟନେ ବିଖଣ୍ଡିତ ମନେ
ନ ବାନ୍ଧି ହାତରେ ରାକ୍ଷୀ,
ରାକ୍ଷୀକୁ ଫେରାଇ ଗଲା ଘରୁ ଚାଲି
ଧର୍ମକୁ ରଖିକି ସାକ୍ଷୀ ॥୧୪॥

ବ୍ୟସ୍ତ ବିଚଳିତ ମୋ ଭାଇ ମସ୍ତକ
ହରାଇଲା ଭାରସାମ୍ୟ,
କିଛି ମାତ୍ର କୋଶେ ଦୁର୍ଘଟଣା ହ୍ୱନ୍ତେ
ଧରି ନେଲା ତାକୁ ଯମ ॥୧୫॥

କେତେ ଆଶା ନେଇ ଆସିଥିଲା ଧାଇଁ
ହାତେ ବାନ୍ଧିବାକୁ ରାକ୍ଷୀ,
ରକ୍ତେ ପରିପୂର୍ଣ୍ଣ ମୋ ଭାଇ ଶରୀର
କେମିତି ପାରିବି ଦେଖି? ॥୧୬॥

ରାକ୍ଷୀକୁ ସେମିତି ରଖିଛି ସାଇତି
ମୁଣା ମଧ୍ୟେ କରି ଯତ୍ନ,
ଭଉଣୀ କାନ୍ଦଇ ଭାଇ ଗୁଣ ଗାଇ
ଧିକ ମୋର ଭଗ୍ନୀ ଜନ୍ମ ॥୧୭॥

ଭାଇ ପାଶେ ରାକ୍ଷୀ ଯେବେ ଦେଲା ଦେଖି
ଭଉଣୀ ମନ ଅଧିର,
ପୂର୍ବ ଦିନ ସ୍ମୃତି ନାଚେ ଗୋଟି ଗୋଟି
ଭଉଣୀ ନେତ୍ର ଆଗର ॥୧୮॥

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

ଭଗ୍ନୀ କାନ୍ଦି କାନ୍ଦି ହୋଇଗଲା ଛନ୍ଦି
ଜନମ ମରଣ ଫାଶେ,
ସତେ କ୍ରୁର କାଳ ଦେଖେ ପାଞ୍ଜି ପତ୍ର
ଭଗ୍ନୀ ଚଳେ ମୃତ୍ୟୁ ଦେଶେ ॥୧୯॥

ହାୟରେ ଦାରୁଣ ଦଇବ ନିଷ୍ଠୁର
ତୋର ଏ କି ଅବିଚାର,
ଭାଇ ଓ ଭଉଣୀ ଦୁହେଁ ଗଲେ ଚାଲି
ଏକା ବେଳେ ଯମପୁର ॥୨୦॥

ରହିଲାନି କିଛି ଭାତୃ-ଭଗ୍ନୀ ସ୍ମୃତି
କିଏ କାହାକୁ ପଚାରେ?
'ଭାଇ ଭଉଣୀଙ୍କ ପ୍ରେମ ପୂର୍ଣ୍ଣ ରାକ୍ଷୀ'
ଭିଜିଲା ଆଖି ଲୁହରେ ॥୨୧॥

**କରନ୍ଦା, ପିଙ୍ଗୁଆ, ଢେଙ୍କାନାଳ**
**ଦୂରଭାଷ - ୯୭୭୭୯୧ ୮୦୩୭**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041 VOL.02 - ISSUE.02 - FEBRUARY 2026

# ରାଗିଛକି ମୋତେ

**ଶିମାନ୍ ପାଣି**



ମନର ଗଭୀରେ ଯେ ନଦୀ ବହେ
ସେ ନଦୀ କେବେ ଶବ୍ଦ କରେନାହିଁ
ଶାନ୍ତ ଜଳରେ ଲୁଚି ରହିଥାଏ
ଅନେକ ଅକଥିତ କାହାଣୀ ॥

ଦିନର ଆଲୋକେ ହସୁଥିବା ମୁହଁ
ରାତିରେ ହୁଏ ଭାରି
ତାରାମାନଙ୍କୁ ପଚାରେ ମନ
ମୋ ଦୁଃଖ କିଏ ବୁଝିପାରିବେ ଭାଇ ॥

ସମୟ ଆସେ, ସମୟ ଯାଏ
ଛାଡ଼ିଯାଏ ସ୍ମୃତିର ଚିହ୍ନ
କିଛି ମୁହୂର୍ତ୍ତ ହୁଏ ଶିଖର
କିଛି ମୁହୂର୍ତ୍ତ ଅତଳ ଗଭୀର ଗହ୍ୱର ॥

ରାଗ ବୋଲି ଯାହା ଦେଖାଯାଏ
ସେ ଅସଲେ ଏକ ଆହ୍ୱାନ
ମୋତେ ଶୁଣ ମୋତେ ବୁଝ
ମନର ଏକ ନୀରବ ଚିତ୍କାର ଜଣାଣ ॥

କେହି ରହେ, କେହି ଛାଡ଼ିଯାଏ
ଜୀବନର ଏହି ନୀତି
ତଥାପି ମନ ଆଶା ଧରେ
ଏକ ଆଲୋକ, ଏକ ମିଠା ଦୃଷ୍ଟି ॥

ଏକ ଦିନ ଆସିବ ସକାଳ
ମେଘ ଭାଙ୍ଗି ହସିବ ଆକାଶ
ମନର ନଦୀ ସମୁଦ୍ର ପାଇବ
ଶାନ୍ତି ମିଳିବ, ମିଳିବ ବିଶ୍ୱାସ ॥

ସେଦିନ ରାଗ ହେବ ନାହିଁ
ରହିବ ଅଭିମାନ
କେବଳ ଥିବ ଏକ ଶାନ୍ତି ମନ
ଓ ନିଜକୁ ପାଇବାର ଗରିମାମୟ ଜ୍ଞାନ ॥

ମନର ଆକାଶେ ମେଘ ଜମିଲେ
କଥାମାନେ ହୁଏ ନୀରବ
ହସର ଆଡ଼େ ଲୁଚି ରହେ
ଅବୁଝା ଅନେକ ଭାବ ॥

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ରାଗ ନୁହେଁ, ସେ ମନର କ୍ଲାନ୍ତି
ବେଦନାର ଏକ ଭାଷା
ଏକ ମିଠା କଥା ଏକ ହସ
କରିଦିଏ ସବୁ ନିରାଶା ନାଶ ॥

ନୂଆ ଦିନ ଆସେ, କିନ୍ତୁ ମନ
ପୁରୁଣା ଭାର ବୋହି ଚାଲେ
ସକାଳର ଆଲୋକ ମଧ
କେବେ କେବେ କ୍ଲାନ୍ତି ଲାଗେ ॥

ରାତି ହେଲେ ଚିନ୍ତାମାନେ
ନୀରବରେ କଥା କହେ
ଦିନେ ଯାହାକୁ ଲୁଚାଇ ରଖେ
ସେମାନେ ଅନ୍ଧାରେ ସତ୍ୟ ହୁଏ ॥

ମୁଁ ଆଉ ଦୌଡୁନି
ସବୁକୁ ଜିତିବା ପାଇଁ
ମୁଁ ଏବେ ଚାଲୁଛି
ନିଜକୁ ବୁଝିବା ପାଇଁ ॥

**ରାୟଗଡା, ଓଡିଶା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

# କଲେଜ ଗେଟ୍

**କଲ୍ୟାଣ କୌଶିକ ଦାଶ**



ସେଦିନ ସକାଳୁ ସକାଳୁ ନିତିଦିନ ପରି ଦିନଚର୍ଯ୍ୟା ପୂର୍ବରୁ ତାକୁ ଦେଖା କରିବାର ଲାଳସାରେ ଜଲ୍ଦୀ ଗାଧୋଇ ପଡି ବାହାରିଲି କଲେଜ ଗେଟ୍ ପାଖକୁ । ସାଙ୍ଗ ମାନଙ୍କ ସହିତ ଖଟି ଚାଲୁଥାଏ, କିନ୍ତୁ ନଜର ଖୋଜୁଥାଏ ତା'ର ପ୍ରଥମ ଝଲକର ଝାପସାରେ ଆଖି ପଖାଳିବା ପାଇଁ ।

କିନ୍ତୁ ଏ କଣ...?

ଗୋଟେ ପରେ ଗୋଟେ କଲେଜ ବସ୍ ଧସେଇ ଆସିଲା କିନ୍ତୁ  ସେ କାଇଁ ?? ଓଃ କି ଅଧର୍ଯ୍ୟ !!! ସେଦିନ ତା ବସ୍ ଟିକେ ଡ଼େରିକରି ଆସିଲା ! ବସ୍ ର କାଚ ଝରକାରେ ତା ଅଧା ହସ ମୁହଁ ଦେଖି, ସତେ ହଜି ଯାଇଥିବା ଦଶଟଙ୍କା ମିଳିବା ପରି ଖୁସି ମନରେ ଖେଳିଗଲା । ବସ୍ ରୁ ତର ତର ହୋଇ ସେ ଓହ୍ଲାଇବା ଭିତରେ କ୍ଷିପ୍ରତାର ସହ ପହଁଚିଗଲି ତା ପାଖରେ । ସତେ ଯେମିତି ଆକାଶ ଚିରି ଆଗେଇ ଯାଉଥିବା ଛୋଟ ରକେଟ୍ । ମୋତେ ଦେଖି ସେ ତା ତୀକ୍ଷ୍ଣ ହସତୀରରେ ଘାଇଲା କରି କହିଲା..,

"କିଛିଘଣ୍ଟାର ଅପେକ୍ଷା ବି ତୁମ ଦ୍ୱାରା ହଉନି ନା କଣ? କାଲି ତ କଲେଜ୍ ଛୁଟିବଳେ ଦେଖା ହୋଇଥିଲେ ।"

ମନ ମୋର ମନେ ମନେ ଗୁଣୁଗୁଣୁ ହୋଇ କହୁଥିଲା - "ତମେ କାଇଁ ବୁଝିବ ଯେ ମୋ ମନର ଅବସ୍ଥା ! ତମେ କଲେଜ୍ ରୁ ଘରକୁ ଯିବା ପରଠାରୁ ତା'ପରଦିନ ଆସିବା ଭିତରର କେତେ ଘଣ୍ଟା ଯେ ମୋ ପାଇଁ କେତେ କଷ୍ଟ ଦାୟକ ???" ମନ ସବୁ ବଳେ ଚାହେଁ କି ତମେ ମୋ ନଖଦର୍ପଣରେ ସବୁବଳେ ରୁହନ୍ତ କି? କେଡେ ଅବାସ୍ତବ ସ୍ୱପ୍ନଟିଏ ମ ??

"ଚାଲ କ୍ଲାସକୁ ଯିବା ନା ଏଇଠି ଏମିତି ଖରାଟାରେ ଛିଡ଼ା ହୋଇଥିବା?"
ହଠାତ୍ ତା ଡାକରେ ବାସ୍ତବତା କୁ ଫେରି ଆସି କହିଲି- "ହଁ ଚାଲ ଯିବା"

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0.  [ visit online - https://www.banamalli.org ]*

ଯିବା ସମୟରେ ମନ ଭିତରେ ସେଇ କିଛିଟା ପ୍ରଶ୍ନ ଗୋଳେଇ ଘାଣ୍ଟି ହେଉଥାଏ..; "ଏଇଟା କୁ କଣ ଭଲପାଇବା କହନ୍ତି ? ଆଉ କାଲି ଯଦି ସେ ନରହେ??"

ସମୟ କ୍ରମେ ସେଇ ଡର ଯେ ସତ ହେବ ସେଇଟା ମୁଁ ସ୍ୱପ୍ନରେ ବି ଭାବିନଥିଲି । ସମୟର ବହୁ ପୂର୍ବରୁ ସେ ବୁଝିଯାଇଥିଲା ଏ ସମାଜ ଆଉ ଜାତି ଆମକୁ ଏକାଠି ହେବାକୁ ଦବନି କାଇଁକି ନା ମୁଁ ଉଚ୍ଚ ଜାତିର ପୁଅ ଆଉ ସେ..... ।

ସମୟର ଆବର୍ତ୍ତମାନରେ ପ୍ରେମର ପରିଣତି ଶେଷ ନିଃଶ୍ୱାସ ନେଉଥିବା ବଳେ, ଦିନେ ସେ ମୁଁହ ଖୋଲି କହିଦେଲା, ଆଉ ଆମ ପ୍ରେମର ଚିତାଭସ୍ମ ସାମ୍ନାରେ ମୁଁ ବସିପଡ଼ି ଆଖିର ଲୁହକୁ ଅନବରତ ଝରୁଥିବାର ଦେଖୁଥିଲି... । ନା ସେ ଲୁହକୁ ପୋଛି ପାରୁଥିଲି ନା ରୋକି ପରିବାର ସାମର୍ଥ୍ୟ ଥିଲା ମୋ ପାଖେ !

ସବୁଦିନ ପରି ସେଦିନ ବି କଲେଜ୍ ବସ ଆସିଲା । ମୋ ଭଳି କେତେ ପ୍ରେମିକ ବି ତାଙ୍କ ପ୍ରେମିକାର ଅପେକ୍ଷାରେ ଥିଲେ... । କିନ୍ତୁ ସେଦିନ ଗୋଟେ ପ୍ରେମିକ ତା ପ୍ରେମିକାର ଆଉ ଗୋଟେ ପ୍ରେମିକା ତା ପ୍ରେମିକର ଅପେକ୍ଷାରେ ନଥିଲେ ଏବଂ ଏ ସବୁର ମୁକ ସାକ୍ଷୀ ଥିଲା ସେ 'କଲେଜ ଗେଟ୍' ଆଉ କଲେଜ ସାମ୍ନାରେ ଠିଆ ଥୁଣ୍ଟା ଓସ୍ତ ଗଛ ।

**ଜଗତସିଂହପୁର, ଓଡିଶା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*

ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.02 - FEBRUARY 2026

## Board of Editors

Mr. Laxminarayan Pattanaik, Post Graduate in Computer Application & Journalism
PR at K.I.Division, Khordha

Mr. Salila Kumar Swain, M.A, M.Ed.
Asst. Teacher, Mukteswar Dev UPME School
Sundarpur, Tangi, Khordha

Mr. Bibhuti Bhusan Hota, M.A, LLM.
Lecturer (HOD in English)
Godabarish Degree Mahavidyalaya
Banpur, Khordha

Mrs. Debahuti Pattanaik, M.A, M.Phil
Asst. Professor in Odia
KISS Deemed to be University
Kalinga Vihar, Bhubaneswar

Dr. Magalika Mohapatra
M.Sc, M.Ed, M.A. in Odia, M.Phil, Ph.D. in Environment Studies.
Lecturer, Ravenshaw University, Cuttack

Dr. Laxman Sahoo, M.A, Ph.D. in Odia
Principal, Mahanadi Vihar Women's Degree College, Naya Bazar, Cuttack.
Honorary Ph.D Guide (Odia Department)
Ramadevi Women's University, Bhubaneswar

Mr. Sidheswar Tripathy, M.A. in Odia
Astro Mentor, Center for Sriram Astrology
Kundilo, Keranga, Khordha

## Advisory Council

Er. Dipti Ranjan Panda, B.Sc in Civil Engg, MBA, Ph.D. in Vastu
Former EIC, Dept. of Water Resources
Srikshetra Vihar, Aiginia, Bhubaneswar

Mr. Trilochan Das, B.A, B.Ed.
Asst. Teacher, Ananta Bsudev Bidyapitha,
Dalak, Goda, Begunia, Khordha, Odisha

Mr. Nishikant Kahalsingh, M.Sc (Zoology), M.A (Odia & Pol.Sc.), B.Ed, D. in P.Col.
Asst. Teacher, Ananta Bsudev Bidyapitha,
Dalak, Goda, Begunia, Khordha, Odisha

Mr. Ranganath Rath, Post Graduate
Former Asst. Section Officer, Finance Dept.
Bargarh Brit Colony, Bhubaneswar

Mr. Prafulla Chandra Mishra, B.A
Ex. Sub-Inspector, Odisha Police
Mangalajodi, Tangi, Khordha

Mr. Gopal Kishore Sen, B.Sc, B.Ed.
Asst. Teacher, Govt. UG High School
Naramanabi, Tangi, Khordha

Mr. Gopal Chandra Sao, M.A. in Odia
Office Assistant, Water Resources Dept.
Deuli, Baripada, Mayurbhanj

**ISSN: 3108-2041**
**Title:** Banamallira Mahak
**Publisher:** Mr. Laxminarayan Pattanaik
**Place of Publication:** Khordha, Odisha, India
**Contact:** Banamallira Mahak, Mangalajodi, Khordha, Odisha-752023, India
**Submit articles at EMAIL:** emagazinebanamalli@gmail.com